**ସଂକ୍ଷେପରେ**

## ଉପଶାସ୍ତ୍ରୀ ଦ୍ୱିତୀୟ ବର୍ଷ ବାର୍ଷିକ ପରୀକ୍ଷା ଆରମ୍ଭ

କବିସୂର୍ଯ୍ୟନଗର,୨୪।୨(କୃପାସିନ୍ଧୁ ସ୍ୱାଇଁ)

ପୁରୀ ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଉପଶାସ୍ତ୍ରି ଦ୍ୱିତୀୟ ବର୍ଷର ବାର୍ଷିକ ପରୀକ୍ଷା ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ସୋମବାର ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଅବନୀ ରଞ୍ଜନ ମିଶ୍ର କେନ୍ଦ୍ର ପରିଚାଳକ ଦାୟିତ୍ୱରେ ଥିଲେ। ସଂସ୍କୃତ ସାହିତ୍ୟ ଅଧ୍ୟାପକ ନରସିଂହ ପାଢୀ, ସଂସ୍କୃତ ବ୍ୟାକରଣ ଅଧ୍ୟାପକ ଡ. ନରେନ୍ଦ୍ର ଦାଶ, ଦର୍ଶନ ବିଭାଗ ଅଧ୍ୟାପକ ହେମନ୍ତ ଗନ୍ତାୟତ ନିରୀକ୍ଷକ ଦାୟିତ୍ୱ ନେଇଛନ୍ତି। ନ୍ୟାୟ ବିଭାଗର ଅଧ୍ୟାପକ ପ୍ରଭାତ ନନ୍ଦ ରିଲିଭର୍ ତଥା ଓଡିଆ ଅଧ୍ୟାପିକା ରୁନି ପାଣିଗ୍ରାହୀ,ରାଜନୀତି ବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର, ବ୍ୟାକରଣ ଅଧ୍ୟାପିକା ଡ. ସୌଭାଗ୍ୟ ମଞ୍ଜରୀ ନାଥ, ଗ୍ରନ୍ଥଗାରିକା ସୁଇଟି ସ୍ୱାଇଁ ଏବଂ ଧରିତ୍ରୀ ପ୍ରଧାନ ପରୀକ୍ଷାର୍ଥୀଙ୍କୁ ତଲାସୀ କରି ପରୀକ୍ଷା କେନ୍ଦ୍ରକୁ ଛାଡିଥିଲେ।

## ଖଣ୍ଡାୟତ କ୍ଷେତ୍ରୀୟ ସମାଜ ସ୍ୱାଇଁ ବଂଶର ଆଲୋଚନା ସଭା

ଗଞ୍ଜାମ,୨୪।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠରେ ୨୨ ମୌଜା ଖଣ୍ଡାୟତ କ୍ଷେତ୍ରୀୟ ସମାଜ ସ୍ୱାଇଁ ବଂଶର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବରିଷ୍ଠ ସମାଜସେବୀ ପିତାମ୍ବର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଉକ୍ତ ବଂଶର ବିଭିନ୍ନ ଅଞ୍ଚଳର ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସହ ଭାବ ଆଦାନ ପ୍ରଦାନ ଓ .ଜନ୍ମ ମୃତ୍ୟୁର ବିବରଣୀକୁ ନେଇ ଆଲୋଚନା ହୋଇଥିଲା। ଆଗାମୀଦିନରେ କର୍ମକର୍ତ୍ତା ଚୟନ କରାଯାଇ ବିଭିନ୍ନ ସମସ୍ୟାର ସୁସମାଧାନ ସହ ବଂଶ ମର୍ଯ୍ୟାଦା ବୃଦ୍ଧି କରିବାନେଇ ମତ ପ୍ରକାଶ ପାଇଥିଲା। ଶଙ୍କର ସ୍ୱାଇଁ, ଉଦୟ ନାଥ ସ୍ୱାଇଁ, ରବିନ୍ଦ୍ର ନାଥ ସ୍ୱାଇଁ, ଭଗବାନ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଯୋଗେନ୍ଦ୍ର ସ୍ୱାଇଁ, ଗିରିଶ ସ୍ୱାଇଁ, ଚକ୍ରପାଣି ସ୍ୱାଇଁ, ଧର୍ମରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୨୪।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ ):

ଛତ୍ରପୁରର ନୂତନ ଥାନା ଅଧିକାରୀ ଭାବେ ଦେବାଶିଷ ମହାନ୍ତି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୁରୀ ଜିଲା ଡେଲାଙ୍ଗ ଥାନାରୁ ସେ ଏଠାକୁ ବଦଳି ହୋଇ ଆସିଛନ୍ତି। ପୂର୍ବରୁ ସେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଦିଗପହଣ୍ଡି, କୋଦଳା ଥାନାରେ କାର୍ଯ୍ୟ କରିଛନ୍ତି। ଟ୍ରାଫିକ ସମସ୍ୟା ସମାଧାନ ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପ୍ରାଥମିକତା ଦେବେ ବୋଲି ସେ ନୂତନ ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ କହିଛନ୍ତି

# ବିରୋଧରୁ ଜାଗା ଚିହ୍ନଟ ନ କରି ଫେରିଲା ପ୍ରଶାସନ

**ବାଲିଛାଇ ସବର୍ଣ୍ଣ- ଅସବର୍ଣ୍ଣ ବିବାଦ**



ଗ୍ରାମବାସୀ ପ୍ରଶାସନକୁ ବିରୋଧ କରି ରାସ୍ତାରେ ବସି ରହିଛନ୍ତି।

ଆସିକା,୨୪।୨(ସୁରେନ୍ଦ୍ର ନାଥ ସାହୁ):

ଆସିକା ତହସିଲ ଅନ୍ତର୍ଗତ ବାଲିଛାଇ ଗ୍ରାମରେ ଦୀର୍ଘ ୨୫ ବର୍ଷ ହେଲା ସବର୍ଣ୍ଣ-ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଲାଗିରହିଛି । ୨୦୦୦ ମସିହାରେ କେତେକ କାରଣକୁ ନେଇ ସବର୍ଣ୍ଣ-ଅସବର୍ଣ୍ଣ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅସବର୍ଣ୍ଣ ଲୋକମାନେ ଭିଟାମାଟି, ଘର, ଚାଷଜମି ଛାଡି ଅନ୍ୟତ୍ର ପଳାଇଥିଲେ । ଗତ କିଛିବର୍ଷ ହେଲା ସେମାନେ ଗାଁକୁ ଫେରିବା ପାଇଁ ପୋଲିସ, ପ୍ରଶାସନ, ମାନବାଅଧିକାର କମିଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଉପଜିଲାପାଳ, ତହସିଲଦାର ଏବଂ ବିଡ଼ିଓଙ୍କ ଉପସ୍ଥିତିରେ ଉଭୟ ପକ୍ଷକୁ ଡାକି ବହୁବାର ସମାଧାନ ନିମନ୍ତେ ଚେଷ୍ଟା ହୋଇଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇ ପାରି ନ ଥିଲା। ଗତ ୧୯ ତାରିଖରେ ପଞ୍ଚାୟତ ସମିତି ସଭା ଗୃହରେ ଉଭୟ ପକ୍ଷକୁ ନେଇ ହୋଇଥିବା ବୈଠକରେ ଗ୍ରାମରେ ଥିବା ଅସବର୍ଣ୍ଣ ପରିବାର ଲୋକଙ୍କ ବାସସ୍ଥାନ, ଚାଷ ଜମି ଚିହ୍ନଟ ପାଇଁ ସୋମବାରକୁ ଦିନ ଧାର୍ଯ୍ୟ ହୋଇଥିଲା। ଏହି ପ୍ରକାରରେ ସୋମବାର ଆସିକା ତହସିଲଦାର ସଙ୍ଗୀତା ସୋରେନ, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କୋଦିନଡା ଥାନା ଅଧିକାରୀ ଦୀପିକା ରାୟ, ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପ୍ରମୁଖ ବାଲିଛାଇରେ ପହଞ୍ଚିବା ସମୟରେ ଗ୍ରାମବାସୀ ସେମାନଙ୍କୁ ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ। ଅସବର୍ଣ୍ଣ ପରିବାରର ବାସସ୍ଥାନ ଏବଂ ଚାଷ ଜମିର ସୀମା ନିର୍ଦ୍ଧାରଣ କରିବାକୁ ସୁଯୋଗ ଦେଲେ ନାହିଁ। ପ୍ରଶାସନ ପକ୍ଷରୁ ସରପଞ୍ଚ ରଶ୍ମିତା ସ୍ୱାଇଁ, ସମିତିସଭ୍ୟ ଗୀତାରାଣୀ ଗୌଡ଼, ଗାଁ ସଭାପତି ଜୟରାମ ନାୟକ, ସମ୍ପାଦକ ବାଲାଜୀ ଦୋରା, କୋଷାଧକ୍ଷ ଦିଲ୍ଲୀପ ବିଷୋୟୀଙ୍କ ସମେତ ଗ୍ରାମବାସୀଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସୁଫଳ ମିଳିଲାନାହିଁ। ଅସବର୍ଣ୍ଣ ପରିବାରକୁ ଗାଁ ମଝିରେ ରହିବାକୁ ସ୍ଥାନ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ରୋକଠୋକ ମନା କରିଥିଲେ। ଶେଷରେ ପ୍ରାୟ ୪ ଘଣ୍ଟାର ପରିଶ୍ରମ ପରେ ସୀମା ନିର୍ଦ୍ଧାରଣ ନ କରି ପ୍ରଶାସନକୁ ଫେରିବାକୁ ପଡିଥିଲା। ।

# ଡାକ୍ତର ସ୍ୱାଧୀନ ରଥଙ୍କୁ ସେବାରତ୍ନ ସମ୍ମାନ



ସେବାରତ୍ନ ସମ୍ମାନ ଗ୍ରହଣ କରୁଛନ୍ତି ଡାକ୍ତର ସ୍ୱାଧୀନ ରଥ।

**■ଟିବି ମୁକ୍ତ ପାଇଁ ୧୦୦ ଦିନ କାର୍ଯ୍ୟକ୍ରମରେ ଆଣିଥିଲେ ସଫଳତା**

**■୧୮ ପଞ୍ଚାୟତ ଟିବିମୁକ୍ତ ଲକ୍ଷ୍ୟ**

ଛତ୍ରପୁର, ୨୪।୨(ସନ୍ତୋଷ ପାଢ଼ୀ ):

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅଧୀନ ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥଙ୍କୁ ସେବାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଟିବିମୁକ୍ତ ପାଇଁ ୧୦୦ ଦିନ କାର୍ଯ୍ୟକ୍ରମରେ ସଫଳତା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ବ୍ରହ୍ମପୁରରେ ଆୟୋଜିତ ଦ୍ୱିତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ ଡାକ୍ତର ରଥଙ୍କୁ ରାଜ୍ୟ ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଛତ୍ରପୁର ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଛତ୍ରପୁର ବ୍ଲକର ୧୮ ପଞ୍ଚାୟତକୁ ଟିବି ମୁକ୍ତ ପଞ୍ଚାୟତ କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ରଥ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ, ଏସଟିଏସ୍ ପ୍ରଭାତ ସାହୁ, ବିପିଏମ ସାମିଲ ହୋଇଛନ୍ତି।

# ୧.୭୦ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ଗଲା ପିଏମ୍ କିସାନ କିସ୍ତି

**ଗଞ୍ଜାମ ଜିଲାର ଆଉ ୨୦ ହଜାର ଚାଷୀ ଅନ୍ତର୍ଭୁକ୍ତ ହେବେ: ଜିଲ୍ଲାପାଳ**



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ।

ଛତ୍ରପୁର,୨୪।୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ବିହାରର ଭାଗଲପୁରଠାରେ ସୋମବାର କିସାନ ସମ୍ମାନ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କିସାନ ସମ୍ମାନ ନିଧିର ୧୯ତମ କିସ୍ତି ଚାଷୀଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଜିଲ୍ଲା ପରିଷଦ ଭବନ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାଷୀମାନେ ଉପସ୍ଥିତ ରହି ଭିଡିଓ କନଫରେନ୍ସରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଶୁଣିବା ସହ ୧୯ତମ କିସ୍ତି ଆକାଉଣ୍ଟକୁ ଆସିବା ଦେଖି ଖୁସି ବ୍ୟକ୍ତ କରିଥିଲେ। ଗଞ୍ଜାମ ଜିଲାର ୧.୭୦ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ପିଏମ କିସାନ କିସ୍ତି ଡିବିଟି ମାଧ୍ୟମରେ ଯାଇଛି। ନୂଆ ସର୍ଭେ ଅନୁସାରେ ଜିଲାର ଆଉ ୨୦ ହଜାର ଚାଷୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ କିସ୍ତି ଯିବ ବୋଲି ଜିଲାପାଳ କହିଛନ୍ତି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ମୁଖ୍ୟ ଜିଲା କୃଷି ଅଧିକାରୀ ରବିନାରାୟଣ ପଣ୍ଡା, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ କନ୍ଧ ଜେନା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁଜିତ୍ କୁମାର ନାଥ, ପ୍ରଦୀପ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) ମଞ୍ଚାସୀନ ଥିଲେ। ଋଷିକୂଲ୍ୟା ସମ୍ମିଳନୀ କକ୍ଷର ମଞ୍ଚ ସାମ୍ନାରେ ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ, ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ ବିଟିଏମ ଓ ଏଟିଏମ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲା ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ବସୁଦେବ ଶତପଥୀ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ଶେରଗଡ଼,୨୪।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ତାକରଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଏହାକୁ ଶୁଭାରମ୍ଭ କରିଥଲେ। ସିଆର୍‌ସିସି ଆଲୋକ ଷଡ଼ଙ୍ଗୀ ଓ ପ୍ରଧାନଶିକ୍ଷକ ପଞ୍ଚାନନ ପ୍ରଧାନଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ସାନଖେମୁଣ୍ଡି ବିଇଓ କୁରେଶୁ ସେଠୀ, ଖଲ୍ଲିକୋଟ ଡିଆଇଟିର ଅଭିରାମ ବିଶ୍ୱାଳ, ଏବିଇଓ ଶୈଳେନ୍ଦ୍ର ଦଳେଇ, ଦିବାକର ଗମାଙ୍ଗ, ଶିକ୍ଷକ ସଂଘ ସଭାପତି ଇନ୍ଦ୍ରମଣି ସାଇଁ, ସିଆର୍‌ସିସି ପ୍ରସନ୍ନ ସାବତ, ଈଶ୍ୱର ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ଏହି ମେଳା ମାଧ୍ୟମରେ ଆମେ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟିକରିପାରିବା ବୋଲି କହିଥିଲେ। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ କି ପ୍ରକାର ପାଠ୍ୟ ଉପକରଣ ବ୍ୟବହାର କରିବେ ତାହା ଶିକ୍ଷଣ ମେଳା ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହାକୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅତିଥିମାନେ ବୁଲି ଦେଖିଥିଲେ। ଶେଷରେ ୧୩୦ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ମାଧପୁରରେ ବନାଗ୍ନି ସଚେତନ କାର୍ଯ୍ୟକ୍ରମ

ସୋରଡ଼ା,୨୪।୨(ରଜନି ମହାପାତ୍ର)

ଗଞ୍ଜାମ ଜିଲା ଦକ୍ଷିଣ ଘୁମୁସର ବନଖଣ୍ଡ ବଡ଼ଗଡ଼ ବନାଞ୍ଚଳ ଅଧୀନରେ ଥିବା ଗୌଡ଼ଗୋଠ ପଞ୍ଚାୟତ ମାଧପୁର ଗାଁ ଠାରେ ବନାଗ୍ନି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ବନଖଣ୍ଡ ଅଧିକାରୀ ରଜତ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାମ ଶବର, ଭଞ୍ଜନଗର ବନସାଥି ସୁଲପାଣି ଶତପଥୀ, ମେରିକୋଟ ସରପଞ୍ଚ ନମିତା ମଲିକ, ବୋରୋଦା ସରପଞ୍ଚ ବିଦେଶୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଗାମୀ ଗ୍ରୀଷ୍ମ ଋତୁରେ ବନାଗ୍ନି ପ୍ରତିରୋଧ ଓ ସଚେତନତା ଶିବିରକୁ ବନାଞ୍ଚଳ ଅଧିକାରୀ ଅଞ୍ଜନ ନାୟକ ପରିଚାଳନା କରିଥିଲେ। ବଡ଼ଗଡ଼ ବନାଞ୍ଚଳରେ ଆଦୌ ଯେପରି ନିଆଁ ନ ଲାଗିବ ଏଥିପାଇଁ ସଭିଏଁ ମିଳିମିଶି କାର୍ଯ୍ୟ କରିବା ସହ ବନ କର୍ମଚାରୀଙ୍କ କର୍ତ୍ତବ୍ୟ ନିଷ୍ଠା ଓ ବନ ସୁରକ୍ଷା ସମିତି ସଦସ୍ୟଙ୍କ ସହାୟତାରେ ଦମନ ପାଇଁ ପ୍ରକୃତିବନ୍ଧୁ ସୁଲପାଣି ଶତପଥୀ ବିଭିନ୍ନ ଗୃପ ଓ ସ୍ଲୋଗାନ ମାଧ୍ୟମରେ କହିଥିଲେ। ଏହି ଅବସରରେ ଛୋଟ ଛୋଟ ପିଲାମାନେ ଜଙ୍ଗଲ ପୋଡି ଉପରେ ଏକ ଆକର୍ଷନୀୟ ନାଟକ ପରିବେଷଣ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ଓ ଅନ୍ୟ ଅଧିକାରୀ ମାନେ ଏହି ବନାଞ୍ଚଳର ଦୁର୍ଗମ ଗ୍ରାମ ଭାବେ ପରିଚିତ ମାଧବପୁର ଯାଇ ସେମାନଙ୍କ ପାଇଁ ରାସ୍ତା ଓ ଜୀବିକା ନେଇ ବିଭାଗର ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ।

# କ.ନୂଆଗାଁ ପଞ୍ଚାୟତ ସମିତି ବୈଠକ

କ.ନୂଆଗାଁ,୨୪।୦୨(କାଳୀ ପ୍ରସାଦ ତ୍ରିପାଠୀ)




ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

କ.ନୂଆଗାଁ ବ୍ଲକ୍ ସଭା ଗୃହରେ ସୋମବାର ନବମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ, ଶିଶୁ ବିକାଶ ଯୋଜନା, ପଶୁ ସମ୍ପଦ, କୃଷି, ଉଦ୍ୟାନ ବିଭାଗ, ଜଳ, ମୃତ୍ତିକା ସଂରକ୍ଷଣ, ଯୋଗାଣ ବିଭାଗ, ଶିକ୍ଷା, ଏମ୍‌ଜିଏନଆରଇଜିଏସ୍, ଜଙ୍ଗଲ ବିଭାଗ ଓ ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଦ୍ୟୁତ୍ ବିଭାଗର କର୍ମଚାରୀ ଅନୁପସ୍ଥିତ ଥିଲେ। ପୂର୍ବରୁ ଆଲୋଚନା ହୋଇଥିବା ଅଙ୍ଗନୱାଡ଼ି ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଗୃହ ଗୁଡ଼ିକୁ ଶୀଘ୍ର ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଯନ୍ତ୍ରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏହା ଅଧାରେ ପଡ଼ିରହିଛି। ପ୍ରେମାକିଆ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉ ନ ଥିବା ଅଭିଯୋଗ ଉପରେ ଏବିଇଓଙ୍କଠାରୁ କୌଣସି ଉତ୍ତର ମିଳି ନ ଥିଲା। ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପୋଷାକଗୁଡ଼ିକ ନିମ୍ନମାନର ବୋଲି କୁତ୍ତୁଲି ସରପଞ୍ଚ ଶ୍ରୀଚନ୍ଦ୍ର ପ୍ରଧାନ ଓ ଆଡିମାହା ସରପଞ୍ଚ ଶାନ୍ତି ମଲିକ ଅଭିଯୋଗ କରିଥିଲେ। ଆଗକୁ ବ୍ଲକ ସାରା ପାନୀୟ ଜଳ ସଙ୍କଟ ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ବୈଠକରେ ବ୍ଲକ୍ ଅଧକ୍ଷା ସୁଲୋଚନା ଦଳବେହେରା, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଆନନ୍ଦ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ପଣ୍ଡିତ ବିଶିମାଝୀ, ଜିଲା ପରିଷଦ ସଭ୍ୟା ଅନିତା ମଲିକ, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ ମହାପାତ୍ର, ଜି.ପି.ଓଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବନାଞ୍ଚଳରେ ବଢୁଛି କାଠ ଚୋରି, ଶିକାର

ଭଞ୍ଜନଗର,୨୪।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଘୁମୁସର ଉତ୍ତର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଦିନକୁ ଦିନ ଲୋକଙ୍କ ଯାତାୟାତ ବୃଦ୍ଧି ପାଇ ବନ୍ୟପ୍ରାଣୀ ଶିକାର ବଢି ଚାଲିଥିବା ଅଭିଯୋଗ ହେଉଛି। ବିଶେଷ କରି କାଠ କାଟି ଆଣିବାକୁ ଯାଉଥିବା ଲୋକେ ବନ୍ୟପ୍ରାଣୀ ଶିକାର କରୁଥିବା କୁହାଯାଉଛି। ବିଗତ କିଛିଦିନ ମଧ୍ୟରେ ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଚୋରା କାଠ ସମେତ ଆରୁଗୁନା ଛାଲି ଜବତ କରିଛି। ଏଥିସହ ବନ୍ୟପ୍ରାଣୀ ଶିକାର ପାଇଁ କେତେକ ସ୍ଥାନରେ ବିଦ୍ୟୁତ୍ ତାର ବିଛା ଯାଇଥିବା ମଧ୍ୟ ନଜରକୁ ଆସିଛି। ଏହି ତାର ସଂସ୍ପର୍ଶରେ ଆସି ବିଭିନ୍ନ ସମୟରେ ଲୋକେ ଆହତ ହୋଇଛନ୍ତି। ଏଥିସହ ବନ୍ୟପ୍ରାଣୀ ମଧ୍ୟ ମରିଥିବା ଜଣାପଡିଛି। ଏନେଇ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଥିଲେ ମଧ୍ୟ କେବେ କେମିତି ଶିକାରୀ ଧରାପଡିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ନେଇ ପ୍ରଶିକ୍ଷଣ




କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

ଫୁଲବାଣୀ,୨୪।୨(ରାକେଶ କୁମାର ରାଉତ):

କନ୍ଧମାଳ ଜିଲା ବିପର୍ଯ୍ୟୟ ପରିଚାଳନା ପ୍ରଶମନ ବିଭାଗ ଓ କଟକ ମୁଣ୍ଡଳିସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳଙ୍କ ମିଳିତ ସହଯୋଗରେ ଫୁଲବାଣୀ ବ୍ଲକ୍ କାଣିବାଲିଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଟିମ୍ କମାଣ୍ଡର ବିନୋଦ କୁମାର ମିନାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କୁ ବିପର୍ଯ୍ୟୟ ସମୟରେ ବିଭିନ୍ନ କୌଶଳ ଯଥା ପାଣିରେ ବୁଡିଯାଉ ଥିବାବେଳେ, ବିଜୁଳି ମାରିବା ସମୟରେ, ଭୂମିକମ୍ପ ସମୟରେ, ସାପ କାମୁଡ଼ିଲେ, ଛୋଟ ପିଲା କିମ୍ବା ବଡ ଲୋକଙ୍କ ଗଳାରେ କିଛି ଦ୍ରବ୍ୟ ଲାଗିଲେ କିପରି ନିଜକୁ ରକ୍ଷା କରିହେବ ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ବିଶ୍ୱରଞ୍ଜନ କର ବିଭିନ୍ନ ଉଦାହରଣ ଦେଇ ଲୋକଙ୍କୁ ବୁଝାଇଥିଲେ। ସମ୍ପାଦକ ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପ୍ରଶମନ ବଳ ଆଦିଦାଶ ତ୍ରିପାଠୀ, ମନୋରଞ୍ଜନ ମିଶ୍ର, କ୍ରିଷ୍ଣା ଢାଙ୍କା, ବିକ୍ରମ ସାହୁ ଓ ମୁକେଶ ରାଘବ ବିଭିନ୍ନ କୌଶଳ ପ୍ରଦର୍ଶିତ କରିଥିଲେ। ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବେପରୁଆ ଗାଡ଼ି ଚାଳନାକୁ ଲଗାମ ନାହିଁ

ବୁଗୁଡ଼ା,୨୪।୨(କାଳିଚରଣ ଦାଶ)

ବୁଗୁଡ଼ା ସହରରେ ଦିନକୁ ଦିନ ଜନବସତି ବୃଦ୍ଧି ହେବାରେ ଲାଗିଛି। ସେହି ଅନୁପାତରେ ଯାନବାହାନ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଉଛି। ଅନେକ ସମୟରେ ବେପରୁଆ ଗାଡ଼ିଚାଳନା ପାଇଁ ଦୁର୍ଘଟଣାମାନ ଘଟୁଛି। ସରକାର ୧୮ ବର୍ଷରୁ କମ ବୟସ୍କ ଓ ବିନା ଲାଇସେନ୍ସରେ ଗାଡ଼ି ଚାଳନାକୁ ବେଆଇନ କରିଥିବା ବେଳେ ସଡ଼କ ସୁରକ୍ଷା ନିୟମକୁ ଲୋକେ ଏବେ ଭୁଲି ଗଲେଣି। ଏପରିକି ବିନା ହେଲମେଟରେ ଛାତ୍ରୀଛାତ୍ର ଗାଡ଼ି ଚଳାଇ ସ୍କୁଲ, କଲେଜ ଯାଉଥିବାବେଳେ ସ୍କୁଲ କିମ୍ବା କଲେଜ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଅଣଦେଖା କରୁଛନ୍ତି। ପରିବହନ ଓ ପୋଲିସ ବିଭାଗ ପକ୍ଷରୁ ବେଳେବେଳେ କରାଯାଉଥିବା ଗାଡ଼ି ଚେକିଙ୍ଗ୍ ସହ ଜରିମାନା ଆଦାୟ ଠାରୁ ଲାଇସେନ୍ସ ରଦ୍ଦ ତାଗିଦ୍ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟାନୁଷ୍ଠାନର କୌଣସି ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳିଛି। ଘରୁ ପଦାକୁ ବାହାରିଲେ ବରିଷ୍ଠ ନାଗରିକ ଓ ମହିଳାଙ୍କୁ ଏହି ବେପରୁଆ ଗାଡ଼ି ଚାଳନାର ଭୟ ଘାରୁଛି। ତେବେ ସମ୍ପ୍ରତି ଦ୍ରୁତଗତିରେ ବାଇକ ଚାଳନାକୁ ପ୍ରତିହତ ସକାଶେ ଟ୍ରାଫିକ ନିୟମକୁ କଡାକଡ଼ି ପାଳନ କରିବା ପାଇଁ ପରିବହନ ସହ ପୋଲିସ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ସହ ଉଠିଲା ବିଭିନ୍ନ ପ୍ରସଙ୍ଗ

**ଶେରଗଡ଼ ପଞ୍ଚାୟତ ସମିତି ବୈଠକ**

ଶେରଗଡ଼,୨୪।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ପଞ୍ଚାୟତ ସମିତି ବୈଠକ ବ୍ଲକ ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏବିଡିଓ ସୁଧାଂଶୁ ଶେଖର ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ୍‌ର ୨୨ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ସହ ବୈଠକରେ ବିଭିନ୍ନ ପ୍ରସଙ୍ଗଉଠିଥିଲା।

ପ୍ରତି ପଞ୍ଚାୟତ ୪୮ ଲକ୍ଷ ଟଙ୍କାର ପ୍ରକଳ୍ପ ତୁରନ୍ତ ପଠାଇବାକୁ ଆଲୋଚନା ବେଳେ କୁହାଯାଇଥିଲା। ଶେରଗଡ଼ରେ ବିଡ଼ିଓ ଓ ବିଇଓ ପଦବୀ ଖାଲି ପଡିଛି। ତହସିଲଦାର ତାଲିମରେ ଯାଇଛନ୍ତି। ଏନେଇ ବିଭିନ୍ନ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ବାଧା ଉପୁଜୁଛି। ଏହି ପଦବୀଗୁଡିକ ପୂରଣରେ ତୁରନ୍ତ ପଦକ୍ଷେପ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପିତ୍ତଳ ଗ୍ରାମ ଛକରେ ଓ ଡାକ୍ତରଖାନା ପାର୍ଶ୍ୱରେ ଥିବା ମଦ ଦୋକାନକୁ ତୁରନ୍ତ ବନ୍ଦ କରିବାକୁ ସଭ୍ୟମାନେ ଦାବି କରିଥିଲେ। ଶେରଗଡ଼ ଡାକ୍ତରଖାନା ଓ ଅନ୍ୟ ଡାକ୍ତରଖାନାରେ ଜାରି ରହିଥିବା ଅବ୍ୟବସ୍ଥା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟୁତ୍ ବିଭ୍ରାଟ, ପ୍ରତି ଗ୍ରାମର ସାହି ଲାଇଟଗୁଡିକ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ସଜାଡୁ ନ ଥିବା ନେଇ ଠୁରୁବୁରାଇ ସରପଞ୍ଚ ଓ ଧବଳପୁର ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଥିଲେ। ଯୋଗାଣ ବିଭାଗ ପକ୍ଷରୁ ଇ କେୱାଇସି ମାର୍ଚ୍ଚ ୩୧ ଭିତରେ କରିବା, ୬୯୯୮ ଜଣ ଧାନ ମଣ୍ଡିରେ ଧାନ ଦେଇ ଟଙ୍କା ପାଇଥିବା ଏବଂ ବ୍ଲକର ୪୪୫ ଜଣ ସରକାରୀ କର୍ମଚାରୀଙ୍କୁ ରାଶନ କାର୍ଡରୁ ନାମ ହଟାଇବାକୁ ନୋଟିସ ଜାରି ହୋଇଛି ବୋଲି ସହକାରୀ ଯୋଗାଣ ନିରୀକ୍ଷକ ବିଭୁପ୍ରସାଦ ସାହୁ ସୂଚନା ଦେଇଥିଲେ। ଏବିଡିଓ ତରାଇ ଅନ୍ତୋଦୋୟ ଅନ୍ନ ଯୋଜନା, ଆବାସ ଯୋଜନାରେ ସାମିଲ ହେବା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତି ପଞ୍ଚାୟତରେ ୨୦ଟି ଆବାସ ଗୃହ ବଣ୍ଟନ ହେବ। ଏହାର ଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେଉଛି। ମାର୍ଚ୍ଚ ୩୧ ଭିତରେ କାଗଜପତ୍ର ସହ ଅନଲାଇନରେ ଆବେଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଆସିକା ଏମ୍‌ପି ପ୍ରତିନିଧି ଶିଶିର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଦିଗାମ୍ବର ନାହାକ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସହକାରୀ ନିର୍ବାହୀଯନ୍ତ୍ରୀ ସୀମାଞ୍ଚଳ ଦାଶ ଉପସ୍ଥିତ ଥିଲେ।



ବୈଠକରେ ଜନ ପ୍ରତିନିଧି, ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ସମୁଦ୍ର କୂଳରେ ଲୌହ ପିଣ୍ଡ



ଗଞ୍ଜାମ,୨୪ା୨(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର-ପୋଡମପେଟା ସମୁଦ୍ର କୂଳରେ ଏକ ବିରାଟକାୟ ଲୌହ ପିଣ୍ଡ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନୌବାହିନୀ ପଦାଧିକାରୀ ପହଞ୍ଚି ଏହା ସମୁଦ୍ର ମଧ୍ୟରେ ବିଭିନ୍ନ ଦେଶର ଜଳ ସୀମା ନିର୍ଦ୍ଧାରିତ କରିଥାଏ ବୋଲି କହିଛନ୍ତି। କୌଣସି କାରଣ ବଶତଃ ଏହା ବିଚ୍ଛିନ୍ନ ହୋଇ ଭାସି ଆସି କୂଳରେ ଲାଗିଥିବା କୁହାଯାଇଛି। ଅନ୍ୟପଟେ ଏହା ଜାହାଜରେ ଲାଗୁଥିବା ଲୌହ ପିଣ୍ଡ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଭାସି ଭାସି ସମୁଦ୍ର କୂଳରେ ଲାଗିବା ପରେ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଜି.ଉଦୟଗିରି,୨୪ା୨(ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରଜ୍, ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ସିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ପିଏ.ଆଇଟିଡିଏ ଗଦାଧର ପାତ୍ର, ତହସିଲଦାର ରଞ୍ଜନ ସାହୁ, ବିଡିଓ ମନୋଜ ଦେବତା, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ସମେତ ୱାର୍ଡ଼ ଓ ପଞ୍ଚାୟତ ଜନପ୍ରତିନିଧି ମାନଙ୍କ ଉପସ୍ଥିତିରେ ସ୍ଥାନୀୟ ବ୍ଲକ୍ ଏବଂ ଏନ୍ଏସି ବାସିନ୍ଦାଙ୍କ ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ୬୪ଟି ଅଭିଯୋଗ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ପତ୍ର ଗୁଡ଼ିକ ଯାଞ୍ଚ କରି ସେଗୁଡ଼ିକର ସମାଧାନ ଯଥାଶୀଘ୍ର କରିବା ନିମନ୍ତେ ସମସ୍ୟା ସମ୍ବନ୍ଧିତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

### ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ଛତ୍ରପୁର,୨୪ା୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ସାଇବିହାରରେ ଥିବା ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସପାଲ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଶିଶୁ ବିଭାଗର ଡାକ୍ତର ନିକୁଞ୍ଜ ବିହାରୀ ଦାଶ, ମୁଖ୍ୟବକ୍ତା ଭାବେ ଅନସ୍ଲୋ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ଡ. ବିଷ୍ଣୁ ପ୍ରସାଦ କର ଓ ଆଇଆରଇଏଲ ସ୍କୁଲର ଶିକ୍ଷକ ବାଲଦେବ ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ଉପାଧ୍ୟକ୍ଷା ସୁନିତା ସାହୁ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜ ପରିଚାଳନା କମିଟି ଭାଙ୍ଗି ବିଭାଗ ଚୁପ୍

## କଲେଜରେ ଗଠନ ହୋଇପାରୁନି ନୂତନ ପରିଚାଳନା କମିଟି

ସୋରଡା,୨୪ା୨(ରଜନୀ ମହାପାତ୍ର)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶରେ ରାଜ୍ୟରେ ଥିବା ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟଗୁଡ଼ିକର ପରିଚାଳନା କମିଟିକୁ ଭାଙ୍ଗିବା ପାଇଁ ରାଜ୍ୟ ସରକାର ପତ୍ରସଂଖ୍ୟା ଏଚଇ/ଏନସିଏନଇ/ପଲିସି-୦୦୦୧/୨୦୧୯/୫୧୮୯ ତାରିଖ ୨୩ା୧୨ା୨୦୨୪ରେ ଓଡ଼ିଶା ଶିକ୍ଷା ଆଇନ ୧୯୬୯, ସେକ୍ସନ-୭ ସବସେକ୍ସନ-୬ ଅନୁସାରେ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ ତିନି କଲେଜଗୁଡିକରେ ଥିବା ପରିଚାଳନା କମିଟି ଭାଙ୍ଗି ଯାଇଥିଲା। ଏହି ନିର୍ଦ୍ଦେଶ ଅନୁସାରେ ସୋରଡା ସ୍ନାତକ ମହାବିଦ୍ୟାଳୟରେ ପରିଚାଳନା କମିଟି ଭାଙ୍ଗିଛି। କମିଟି ସଭାପତି ଥିବା ଶିବ ପ୍ରସାଦ ଦାଶ ଆଉ ସଭାପତି ନାହାନ୍ତି। ଏବେ ଦୁଇ ମାସ ବିତିଲାଣି ସରକାରଙ୍କ ନୂଆ ନିର୍ଦ୍ଦେଶ ଆସିନି। ଫଳରେ ନୂତନ ପରିଚାଳନା କମିଟି ଗଠନ ହୋଇପାରୁନି।

କଲେଜଗୁଡ଼ିକୁ ରାଜନୀତିଠାରୁ ଦୂରରେ ରଖିବା ପାଇଁ ତତ୍କାଳୀନ ସରକାର ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟରେ ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ସଭାପତି ରୂପେ ସରକାର ଦାୟିତ୍ୱ ଦେଇଥିଲେ। ସୋରଡାରେ ଯୁକ୍ତ ୨ ଓ ଯୁକ୍ତ ୩ ଦୁଇଟି ମହାବିଦ୍ୟାଳୟ ଗୋଟିଏ ପରିସରରେ ରହିଛି। ମହାବିଦ୍ୟାଳୟରେ ସମସ୍ୟା ଅନେକ ରହିଛି। ଉପଜିଲାପାଳମାନେ ଦାୟିତ୍ୱରେ ରହିଲା ପରେ ୨୦୨୦ରୁ ୨୦୨୨ ମଧ୍ୟରେ ଗୋଟିଏ ହେଲେ ବୈଠକ କଲେଜର କରିନାହାନ୍ତି। ୨୦୨୦ରୁ ୨୦୨୪ ମଧ୍ୟରେ ଯୁକ୍ତ ୨ରେ ଗୋଟିଏ ହେଲେ ପରିଚାଳନା କମିଟି ବୈଠକ ଏଠାରେ ହୋଇନାହିଁ। ଏହି ଅଧିକାରୀମାନେ ଅତ୍ୟଧିକ ସରକାରୀ କାର୍ଯ୍ୟ ଯୋଗୁ ଉଚ୍ଚଶିକ୍ଷା ପ୍ରତି ଧ୍ୟାନ ଦେଇନାହାନ୍ତି। କଲେଜ ଅଧ୍ୟକ୍ଷମାନେ ସଭାପତିଙ୍କ ନିଷ୍ପତ୍ତି ପାଇଁ ମହାବିଦ୍ୟାଳୟର ଉନ୍ନୟନମୂଳକ କାମ ଲାଗି ଏମାନଙ୍କ ନିକଟକୁ ଦୌଡି ଦିନ ଯାଉଛି। ବର୍ତ୍ତମାନ ଯୁକ୍ତ ୨ ବିଦ୍ୟାଳୟ ଓ ଗଣଶିକ୍ଷା ବିଭଗ ଅଧୀନରେ ରହିଛି। ସୋରଡାରେ ଦୁଇଟି କଲେଜ ଗୋଟିଏ କ୍ୟାମ୍ପସରେ ଥିବାରୁ ବିଭିନ୍ନ ପରିଚାଳନାଗତ ସମସ୍ୟା ଉପୁଜୁଛି। ଉଭୟ କଲେଜ ମଧ୍ୟରେ ମତଭେଦ ମଧ୍ୟ ରହୁଛି। କଲେଜମାନଙ୍କରେ ପାନୀୟ ଜଳ ସମସ୍ୟା, ଖେଳପଡିଆ, ବିଲଡିଂ, ସାଇକେଲ ଷ୍ଟାଣ୍ଡ, କମନ ରୁମ୍ ସମେତ ଅନ୍ୟାନ୍ୟ ମୌଳିକ ଆବଶ୍ୟକତାର ଅଭାବ ରହିଛି। କଲେଜ କିପରି ଚାଲିଛି, କଲେଜରେ ପାଠପଢା ଠିକ ଚାଲିଛି ନା ନାହିଁ, ବିଦ୍ୟାର୍ଥୀମାନଙ୍କ କ'ଣ ଆବଶ୍ୟକତା ରହିଛି, କର୍ମଚାରୀଙ୍କ କ'ଣ ସମସ୍ୟା ରହିଛି, ଭିତ୍ତିଭୂମି ଏସବୁ ତଦାରଖ କରିବା ପାଇଁ ଏହି ଅଧିକାରୀମାନଙ୍କ ପାଖରେ ସମୟ ନାହିଁ। କଲେଜ ସମ୍ପାଦକ ଭାବେ ଅଧ୍ୟକ୍ଷମାନେ ଯାହା କହିବେ ଏବଂ ଲେଖିକି ଦେବେ ତାହା ହେଉଛି। ଏପରି ସ୍ଥଳେ ବର୍ତ୍ତମାନ ଶୀଘ୍ର ଏହି କଲେଜ ଗୁଡ଼ିକରେ ପରିଚାଳନା କମିଟି ଗଠନ କରାଯିବା ଜରୁରୀ ହୋଇପଡିଛି। ପୁଣିଥରେ ବିଧାୟକମାନଙ୍କୁ ସଭାପତି କରିବା ପାଇଁ ଦାବି ହେଉଛି। ବିଧାୟକମାନେ ସଭାପତି ରହିଲେ ପରିଚାଳନା କମିଟିର ବୈଠକ କରିପାରିବେ, କଲେଜର ଆବଶ୍ୟକତା ଉପଲବ୍ଧ କରିପାରିବେ, ବିଧାନସଭାରେ ଉନ୍ନତି ପାଇଁ ପ୍ରଶ୍ନ କରିପାରିବେ, ଆବଶ୍ୟକ ଅନୁଦାନ ପାଇଁ ସରକାରଙ୍କ ସହ ଯୋଗାଯୋଗ କରି ଉନ୍ନତି କରିପାରିବେ, କଲେଜ କର୍ମଚାରୀଙ୍କ ସହ ସିଧାସଳଖ ଯୋଗାଯୋଗରେ ରହିପାରିବେ। ବିଦ୍ୟାର୍ଥୀଙ୍କ ସହ ମିଶି ସୁବିଧା ଅସୁବିଧା ପଚାରି ପାରିବେ। ଫଳରେ ଉଚ୍ଚଶିକ୍ଷାର ଭିତ୍ତିଭୂମିରେ ଉନ୍ନତି ହୋଇପାରିବ। ଏ ସମ୍ପର୍କରେ ସୋରଡା ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ ପରିଚାଳନା କମିଟି ଗଠନ ପାଇଁ ବର୍ତ୍ତମାନ ଯାଏ କିଛି ନିର୍ଦ୍ଦେଶ ଆସିନାହିଁ। ପୂର୍ବ ନିର୍ଦ୍ଦେଶନାମା ପ୍ରକାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜରିଆରେ ପରିଚାଳନା କମିଟି ଗଠନ ପାଇଁ ପ୍ରସ୍ତାବ ଦେବୁ। ଯେଉଁଥିରେ ଅଞ୍ଚଳର ଜଣେ ଶିକ୍ଷାବିତ, ବୁଦ୍ଧିଜୀବୀ ଭଳି ତିନି ଜଣିଆ ପ୍ୟାନେଲଙ୍କ ନାମ ପ୍ରସ୍ତାବ ପଠାଯିବ। ସେଥିରୁ ଯାହାକୁ ସରକାର ମଞ୍ଜୁରୀ ଦେବେ ସେ ସଭାପତି ହେବେ। ପରେ ସଭାପତିଙ୍କ ନିର୍ଦ୍ଦେଶରେ ପରିଚାଳନା କମିଟି ଗଠନ କରାଯିବ ବୋଲି ଅଧ୍ୟକ୍ଷ ପାଢ଼ୀ କହିଛନ୍ତି।

### ସମବାୟ ବ୍ୟାଙ୍କରୁ ଚୋରି ଉଦ୍ୟମ

ପାରଳାଖେମୁଣ୍ଡି,୨୪ା୨(ଗିରିଧାରୀ ପରିଚ୍ଛା) ସ୍ଥାନୀୟ ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃରେ ଗତକାଲି ରାତିରେ କେତେ ଜଣ ଦୁର୍ବୃତ୍ତ ପଶି କବାଟ ଭାଙ୍ଗି ଚୋରି ଉଦ୍ୟମ କରିଛନ୍ତି। ତେବେ ସେମାନେ ବ୍ୟାଙ୍କର ଷ୍ଟ୍ରଙ୍ଗରୁମରେ ଥିବା ଟଙ୍କା ସୁନା ଚୋରି କରିବାରେ ବିଫଳ ହୋଇଛନ୍ତି। ଶନିବାର ଏବଂ ରବିବାର ଦୁଇଦିନ ବ୍ୟାଙ୍କ ଛୁଟି ରହିଥିବାରୁ ସୋମବାର ସକାଳୁ ବ୍ୟାଙ୍କ କର୍ମଚାରୀ ଆସି ବ୍ୟାଙ୍କ ଖୋଲିବା ପରେ ବ୍ୟାଙ୍କର ପଛପଟ ରାସ୍ତାଦେଇ କିଛି ଦୁର୍ବୃତ୍ତ ବ୍ୟାଙ୍କରେ ପଶି ଷ୍ଟ୍ରଙ୍ଗରୁମକୁ ଭାଙ୍ଗିବାକୁ ଉଦ୍ୟମ କରିଥିବା ଜାଣିବାକୁ ପାଇଥିଲେ। ସେମାନେ ବ୍ୟାଙ୍କର ଷ୍ଟ୍ରଙ୍ଗରୁମକୁ ଭାଙ୍ଗି ନ ପାରି ଫେରିଯାଇଛନ୍ତି। ଘଟଣା ସମ୍ପର୍କରେ ଶାଖା ପରିଚାଳକ ସ୍ନିଗ୍ଧା ପଣ୍ଡା ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୫/୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କର ସିସିଟିଭିରେ କେବଳ ଲାଇଭ ରେକର୍ଡ ବ୍ୟବସ୍ଥା ରହିଥିବାରୁ କୌଣସି ପ୍ରକାର ଭିଡିଓ ଷ୍ଟୋରେଜ ନ ଥିବା ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

# ପାନୀୟ ଜଳ ସମସ୍ୟାକୁ ନେଇ ହୋହଲ୍ଲା

ଚିକିଟି,୨୪ା୨(ପ୍ରକାଶ ଚନ୍ଦ୍ର ସାହୁ)



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ

ଚିକିଟି ବ୍ଲକ ସମ୍ମିଳନୀ କକ୍ଷ ଗୃହରେ ସୋମବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଧ୍ୟକ୍ଷ ଆପନା ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଏମ୍ପି ଡ଼କ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ବିଡ଼ିଓ ଲକ୍ଷ୍ମଣ ସୋରେନ, ଏଇ.ଉଦୟନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୧୭ଟି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ପଞ୍ଚାୟତରେ ପାନୀୟ ଜଳାଭାବ ସମସ୍ୟା ଗୁରୁତ୍ୱର ରୂପ ଧାରଣ କରିଥିବା ବେଳେ ପ୍ରଶାସନ ଏହାକୁ ଦୂର କରିବାରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଉପସ୍ଥିତ ଜନପ୍ରତିନିଧି ମାନେ ହୋହାଲ୍ଲା କରିଥିଲେ। ୧୭ଟି ପଞ୍ଚାୟତର ୧୨୬ଟି ଗ୍ରାମରେ ୧୧୫୦ଟି ନଳକୂପ ରହିଥିବା ବେଳେ ୭ଟି ଗ୍ରାମରେ ପାଇପଯୋଗେ ଜଳ ଯୋଗାଣ ବ୍ୟବସ୍ଥା ରହିଛି। କିନ୍ତୁ ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଇଛି ଏବଂ ପୋଖରୀ କୂଅ ଶୁଖିଯାଇଥିବା ସ୍ଥଳେ ନଳକୂପରୁ ଆବଶ୍ୟକ ପରିମାଣରେ ଜଳ ବାହାରୁନାହିଁ। ପାନୀୟଜଳ ପ୍ରକଳ୍ପ ନିର୍ମାଣ ଓ ମରାମତିରେ ବିଳମ୍ବ ମେଗା ପ୍ରକଳ୍ପ କାର୍ଯ୍ୟ ମନ୍ଥରଗତିରେ ଚାଲୁଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ଏଥିସହିତ ମେଗା ପ୍ରୋଜେକ୍ଟର ୯୦ ପ୍ରତିଶତ ପାଇପ ଲାଇନ କାମ ସରିଛି ଆସନ୍ତା ୨୦୨୬ ଜାନୁଆରୀ ସୁଦ୍ଧା ପାଣି ପାଇପରେ ପାଣି ଯୋଗାଣ ହେବ ବୋଲି କହିଛନ୍ତି। ଉକ୍ତ ସମସ୍ୟାର ସମାଧାନ କରିବା ସହିତ ଖରାଦିନରେ ଉପକୂଳ ଇଲାକାରେ ଟେଙ୍କ ଯୋଗେ ଜଳ ଯୋଗାଣ କରିବାକୁ ସହକାରୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକର ଉନ୍ନତି ପାଇଁ ଆମେ ସମସ୍ତେ ଦଳଗତ ନିର୍ବିଶେଷରେ ଏକ ହେଲେ ଚିକିଟି ବ୍ଲକକୁ ଏକରେ ଗଢ଼ିବ ବୋଲି ବ୍ରହ୍ମପୁର ଏମପି ଡ଼କ୍ଟର ପ୍ରଦୀପ ପାଣିଗ୍ରାହୀ କହିଥିଲେ। ଉକ୍ତ ବୈଠକରେ ବ୍ଲକର ସମସ୍ତ କର୍ମଚାରୀ ପ୍ରତ୍ୟେକ ବିଭାଗର ଅଧିକାରୀ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

### ମେଡ଼ିସିନ ଷ୍ଟୋରରୁ ଚୋରି ଘଟଣାରେ ୨ ଗିରଫ

ବାଲିଗୁଡ଼ା,୨୪ା୨(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡା ଟାଉନରେ ଏକ ଚୋରି ଘଟଣାରେ ପୋଲିସ ସୋମବାର ୨ ଅଭିଯୁକ୍ତଙ୍କ ସମେତ କିଛି ଚୋରି ସାମଗ୍ରୀ ଜବତ କରିଥିବା ଏସଡିପିଓ ରାମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି। ଗତ ୧୬ ତାରିଖ ରାତି ୨ଟା ପରେ ବାଲିଗୁଡ଼ା ଟାଉନର ତହସିଲଦାରଙ୍କ କ୍ୱାର୍ଟର୍ସ ସମ୍ମୁଖରେ ଥିବା ଗିରିଜା ମେଡ଼ିସିନ ଷ୍ଟୋରରୁ କୌଣସି ଦୁର୍ବୃତ୍ତ ସଟର ତାଲା ଭାଙ୍ଗି ଦୋକାନରେ ପଶି ନଗଦ ୭ହଜାର ଟଙ୍କା ଓ ମୋବାଇଲ ଚାର୍ଜର, ସ୍ମାର୍ଟ ଘଣ୍ଟା ସମେତ ଅନ୍ୟ କିଛି ଜିନିଷ ଚୋରି କରି ନେଇଥିବା ମେଡ଼ିସିନ ଷ୍ଟୋର ମାଲିକ ଲିଟନ କୁମାର ଦୋରା ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। (କେଶ ନଂ.୫୧/୨୫)ରେ ଏତଲାକୁ ଭିତ୍ତିକରି ତଦନ୍ତ କାରୀ ଅଧିକାରୀ ଏଏସ୍ଆଇ ଉମା ଶଙ୍କର ନିଆଲ ତନାଘନା କରି ସୋମବାର ଅପରାହ୍ନରେ ଏହାର ପର୍ଦାଫାଶ କରି ବାଲିଗୁଡ଼ା ହାଟପଦା ସାହିର ରିଙ୍କୁ ନାୟକ ଏବଂ ଶୁଭମ ଓରଫ କାଳିଆ ଦିଗାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଦୋକାନର ସିସିଟିଭି ଫୁଟେଜ ଆଧାରରେ ଅପରାଧୀ ମାନଙ୍କୁ ଧରି ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ମାନେ କିଛି ଟଙ୍କା ଖର୍ଚ୍ଚ କରିଛନ୍ତି। ସେମାନଙ୍କ ନିକଟରୁ ତାଲା ଭାଙ୍ଗିବା ପାଇଁ ବ୍ୟବହୃତ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି।

# ସାମରଡା, ତିଳିସିଙ୍ଗି ବିଦ୍ୟାଳୟର ବାର୍ଷିକ ଉତ୍ସବ



ତିଳିସିଙ୍ଗି ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଧାୟକ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୨୪ା୨(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ସାମରଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ତିଳିସିଙ୍ଗି ହାଇସ୍କୁଲର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସାମରଡା ବିଦ୍ୟାଳୟ ଓ ଅପରାହ୍ନରେ ତିଳିସିଙ୍ଗି ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ସେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛି ବୋଲି କହିଥିଲେ। ଭଞ୍ଜନଗର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଉନ୍ନତିକରଣ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଦିଆଯିବ ବୋଲି କହିଥିଲେ। ସଭା ଗୁଡ଼ିକରେ ସମିତିସଭ୍ୟ ସୁବାଷ ଚନ୍ଦ୍ର ପ୍ରଧାନ, ସରପଞ୍ଚ ସୁରୁଚି ନାୟକ, ଭାଜପା ନେତା ଧବଳେଶ୍ୱର ମାଝୀ, ତିଳିସିଙ୍ଗି ପ୍ରଧାନ ଶିକ୍ଷକ କାମ ରାଜୁ ଗୌଡ, ସାମରଡ଼ା ପ୍ରଧାନ ଶିକ୍ଷକ ଦିବାକର ସେଠୀ, ଲେମ୍ବେଇ ଏମଇ ସ୍କୁଲ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ସାମରଡ଼ା ବିଦ୍ୟାଳୟ ସଭାପତି ଚନ୍ଦ୍ରଧଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାମଗିରି ବସ୍ଷ୍ଟାଣ୍ଡ-ଜଗନ୍ନାଥ ମନ୍ଦିର ରାସ୍ତା କାମ ଆରମ୍ଭ

ରାମଗିରି,୨୪ା୨(ବୃନ୍ଦାବନ ଗୌଡ଼)

**'ଧରିତ୍ରୀ'ପ୍ରଭାବ**

ରାମଗିରି ବସଷ୍ଟାଣ୍ଡ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଥିବା ରାସ୍ତାର ଅବସ୍ଥା ଶୋଚନୀୟ ହେଇଯାଇଥିଲା। ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନ ନ ଥିବାରୁ ଅସରାଏ ବର୍ଷା ହେଲେ ଘର ଭିତରେ ପାଣି ପଶୁଛି। ସେହି ରାସ୍ତା ଦେଇ ବ୍ରହ୍ମପୁରକୁ ଭାୟା ଗାଇସିଂ ଦେଇ ବହୁ ଗାଡ଼ିମୋଟର ଯାତାୟାତ କରୁଥିବାରୁ ପଥଚାରୀ ଓ ବାଇକ୍ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୯ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତାକୁ ମରାମତି କରିଥିଲା। ପରେ ଅବସ୍ଥା ଖରାପ ହେବାରୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିଲେ। ଏହି ରାସ୍ତା ୮।୯।୨୦୧୯ରେ ରାମଗିରିଠାରୁ ଭାୟା ରାଇସିଂ ପର୍ଯ୍ୟନ୍ତ ଦେଇ ବାରିଆମେରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟାରମ୍ଭ ଯୋଜନାରେ ହୋଇଥିଲା। ଏହାର ବ୍ୟୟ ଅଟକଳ ୫୩.୧୩ ଲକ୍ଷ ଥିଲା। ରାମଗିରି ବସଷ୍ଟାଣ୍ଡଠାରୁ କାମ ଆରମ୍ଭ କରିବା ବଦଳରେ ବିଭାଗୀୟ ଅଧିକାରୀମାନେ ଶିବ ମନ୍ଦିରଠାରୁ କାମ କରିଥିଲେ। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ତାରିଣୀ ଚରଣ ଗୌଡ଼ ଅଭିଯୋଗ କରିବା ସହିତ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ମରାମତି ନ କଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ଏନେଇ ୧୧।୯ ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀ କହିଥିଲେ ଡିସେମ୍ବର ମାସ ପରେ କାମ ଆରମ୍ଭ ହେବ। ବର୍ତ୍ତମାନ କାମ ଆରମ୍ଭ ହେଇଥିବାରୁ ରାମଗିରିବାସୀ ବିଧାୟକଙ୍କୁ ଧନ୍ୟବାଦ ଦେବାସହ ପୂର୍ବତନ ଜିଲାପରିଷଦ ସଭ୍ୟ ତାରିଣିଚରଣ ଗୌଡ଼ ବିଧାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

### ମଠ ମହନ୍ତଙ୍କ ଦେହାନ୍ତ

ଦିଗପହଣ୍ଡି,୨୪ା୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି ଗ୍ରାମସ୍ଥିତ ଶ୍ରୀ ବାଲାଜୀ ମଠର ମହନ୍ତ ପଣ୍ଡିତ ମଧୁସୂଦନ ରାମାନୁଜ ଦାସ ମହାରାଜଙ୍କ ଦେହାନ୍ତ ହୋଇଯାଇଛି। ମହନ୍ତ ରାମାନୁଜ ବାଲାଜୀ ମଠର ପଞ୍ଚମ ମହନ୍ତ ରୂପେ ଦୀର୍ଘ ୩୦ବର୍ଷ ଧରି ଗାଦିସୀନ ଥିଲେ। ଭୀଷ୍ମଗିରି ଗ୍ରାମ ତଥା ଗଞ୍ଜାମ ଜିଲାର ବହୁ ଧର୍ମୀୟ ଅନୁଷ୍ଠାନ ସହିତ ସେ ସମ୍ପୃକ୍ତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ବାଦ୍ୟ ବାଜଣା ସହକାରେ ଭୀଷ୍ମଗିରି ଗ୍ରାମ ପରିକ୍ରମା କରାଯିବା ସହିତ ବୈଷ୍ଣବ ରୀତି ନୀତି ଅନୁଯାୟୀ ସଂସ୍କାର କରାଯାଇଥିଲା। ସହସ୍ରାଧିକ ରାମାନୁଜ ସମ୍ପ୍ରଦାୟର ଭକ୍ତ, ଶିଷ୍ୟ ଏବଂ ଜିଲାର ବିଭିନ୍ନ ଅଞ୍ଚଳର ମଠାଧୀଶ ମାନେ ଏହି ଅନ୍ତିମ ସଂସ୍କାର କାର୍ଯ୍ୟରେ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ।

### ପୋଲସରା ଏନଏସିରେ ବର୍ଦ୍ଧିତ ଭତ୍ତା ବଣ୍ଟନ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

ପୋଲସରା,୨୪ା୨ (ସୁବ୍ରତ କୁମାର ବେହେରା) ପୋଲସରା ଏନ୍ଏସିରେ ଭତ୍ତା ବଣ୍ଟନ ଏବଂ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ପରେ ବୈଠକରେ ବିଭିନ୍ନ ଉନ୍ନୟନ, ପିଏମ୍ ଆବାସ, ଗମନାଗମନ, ବିଦ୍ୟୁତ୍, ପିଇବା ପାଣି, ସ୍ୱାସ୍ଥ୍ୟ, ଜବରଦଖଲ ଏବଂ ଆଲୋକ ଉପରେ ସମୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ନଗରପାଳିକା ସଂଗୀତା କୁମାରୀ ବେହେରା, ଉପାଧ୍ୟକ୍ଷ ସନ୍ତୋଷ ବେହେରା, କାଉନସିଲର, ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ, ଜେଇ ଉପସ୍ଥିତ ଥିଲେ।

# ପୁସ୍ତକ, ସାଂସ୍କୃତିକ ମେଳା ଉଦ୍ଯାପିତ

## ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ

ଫୁଲବାଣୀ,୨୪ା୨(ରାକେଶ କୁମାର ରାଉତ) ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପଞ୍ଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦ୍ଯାପିତ ହୋଇଯାଇଛି। ୧୨ ତାରିଖରୁ ଆରମ୍ଭ ହୋଇ, ଦୀଘ ୧୨ ଦିନ ଧରି ଚାଲିଥିବା ଏହି ମେଳାରେ ବିପୁଳ ଜନସମାଗମ ହେବା ସହିତ ବିଭିନ୍ନ ଦିନ ମାନଙ୍କରେ ରାଜ୍ୟର ବିଭିନ୍ନ ଜିଲାରୁ ତଥା କନ୍ଧମାଳ ଜିଲାରୁ ଅନେକ ସାରସ୍ୱତ ସାହିତ୍ୟିକ ଯୋଗ ଦେଇ ତାଙ୍କର ସାହିତ୍ୟର ଭଣ୍ଡାରକୁ ଖୋଲି ଦେଇଥିଲେ। ଉଦ୍ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲା ପ୍ରାଣି ଚିକିତ୍ସା ଅଧିକାରୀ ଡା.ନୀରଦଚନ୍ଦ୍ର କହଁର ଯୋଗଦେଇ ବେଳେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡା.ଅରୁପ କୁମାର ଜେନା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ତୀର୍ଥ ଯାନୀ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ, ମୁଖ୍ୟ ସମ୍ପାଦକ ଡା.କାହ୍ନୁଚରଣ ଶତପଥି ପ୍ରାରମ୍ଭିକ ଭାଷଣ ରଖିଥିଲେ। ଏଥିରେ ସମିତିର ସଭାପତି ଦିନବନ୍ଧୁ କହଁର ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକ୍ରମର ଅତିଥି ଭାବରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ କୁମାର ବେହେରା,ସମ୍ପାଦକ ଡ.କାହ୍ନୁଚରଣ ଶତପଥି, କୁଇସମାଜ ସେବା ସମିତିର ସମ୍ପାଦକ ଇଂ.ଅବନି କୁମାର କହଁର,କୁଇ ସମାଜ ସେବା ସମିତି ଫିରିଙ୍ଗିଆର ସଭାପତି ମୁକୁନ୍ଦ କହଁର ପ୍ରମୁଖ ଯୋଗ ଦେଇଥିବା ବେଳେ କବି ସମ୍ମିଳନୀରେ, କୁଇ କବି ଅର୍ଜୁନ କହଁର ଏବଂ ବିଶ୍ୱମ୍ବର କହଁର ସଂଯୋଜନା କରିଥିଲେ। ଏଥିରେ ସମୁଦାୟ ୩୦ ଜଣ କୁଇ କବି ସେମାନଙ୍କର କବିତା ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରଫେସର ସୁନୀଲ ମିଶ୍ର ଏବଂ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ କିଶୋର ଚନ୍ଦ୍ର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବରେ ପ୍ରତାପଚନ୍ଦ୍ର ମିଶ୍ର ଏବଂ ଅଧ୍ୟାପକ ମଦନସୁନ୍ଦର କ୍ଷେତି ଯୋଗ ଦେଇ ଉତ୍କଳୀୟ ଅସ୍ମିତାରେ ପୂଜ୍ୟ ପୂଜାର ପରମ୍ପରା ସମ୍ପର୍କରେ ଆଲୋଚନା ଚକ୍ରରେ ବକ୍ତବ୍ୟ ରଖିଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଫୁଲବାଣୀର ବଦାନ୍ୟ ଭିକ୍ଷୁ ତୁଳା ବେହେରାଙ୍କୁ କନ୍ଧମାଳ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ସହିତ, ବିସ୍ମୟ ଶିଶୁ ପ୍ରତିଭା(୪ ବର୍ଷ) ଚିନ୍ମୟୀ ସୁବୁଦ୍ଧି, ସାରସ୍ୱତ ଯୁଗଳନ୍ଦୀ ଦିପ୍ତୀମୟୀ ରଥ ଏବଂ ପ୍ରହଲ୍ଲାଦ ଲେଙ୍କା, ବିଶିଷ୍ଟ ରକ୍ତଦାତା, ମନୋଜ କୁମାର ମିଶ୍ର, ବିଶିଷ୍ଟ ରକ୍ତଦାତା ପ୍ରୋତ୍ସାହନ କାରୀ ଘୁ.ଉଦୟଗିରିର ନିତ୍ୟସୁନ୍ଦର ଦାସ, ବିଶିଷ୍ଟ ଶିକ୍ଷାବିତ୍ ପ୍ରମିଳା ଦାସ, ନାରୀ ପ୍ରତିଭା ରିନାରାଣୀ ବେହେରା, ବରିଷ୍ଠନାଗରିକ ବିଶି ମଲ୍ଲିକ ଏବଂ ପାରା ଆଥ୍ଲେଟ୍ ସୁନୀଲ କୁମାର ପରିଡାଙ୍କ ସମେତ ୨୨ ଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମିଲରଙ୍କ ମନମୁଖି ପ୍ରତିବାଦରେ ଚାଷୀ ଆନ୍ଦୋଳନ

କାଶୀନଗର, ୨୪ା୨(ଟି. କ୍ରିଷ୍ଣା ରାଓ) ଫେବୃଆରୀ ସରିବାକୁ ଆଉ ୩/୪ ଦିନ ବାକି ରହିଛି। ଏଯାଏ କାଶୀନଗର ଅଞ୍ଚଳରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ କେଉଁଠି ଖଳାରେ ତ କେଉଁଠି ରାସ୍ତା କଡ଼ରେ ପଡ଼ି ରହିଛି। ମଣ୍ଡି କର୍ତ୍ତୃପକ୍ଷ କି ମିଲର ଧାନ ଟାର୍ଗେଟ ହୋଇଗଲା କହି ରଖୁନାହାନ୍ତି। ଏହାଛଡ଼ା ମଣ୍ଡିରେ ପହଞ୍ଚି ଥିବା ଚାଷୀଙ୍କ ଧାନ ଆର୍ଏମ୍ସି ଗୋଦାମ ବାହାରେ ପଡ଼ିଛି। ମିଲରଙ୍କ ଧାନ ଗୋଦାମ ଭିତରେ ରଖାଯାଇଛି। ସମ୍ପୃକ୍ତ ଆର୍ଏମ୍ସି ସମ୍ପାଦକଙ୍କୁ ପଚାରିଲେ ସେ ଏଥିପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା କହୁଛନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର କାଶୀନଗର ବ୍ଲକ ଓ ଏନ୍ଏସିରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରି ରାସ୍ତାରୋକୋ କରିଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଚାଷୀମାନେ ଆନ୍ଦୋଳନ କରି ବନ୍ଦ ପାଳନ କରିବାକୁ ଆହ୍ୱାନ ଦେଇଥିବା ବେଳେ ମଧ୍ୟାହ୍ନରେ ଜିଲାପାଳଙ୍କ ପ୍ରତିନିଧି ରୂପେ ଉପଜିଲାପାଳ ଅନୁପ ପଣ୍ଡା ଅନ୍ୟ ଅଧିକାରୀମାନଙ୍କୁ ଧରି ନେଇ କାଶୀନଗରରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର ଚାଷୀଙ୍କ ପକ୍ଷରୁ ସେମାନଙ୍କ ଦାବି ସମ୍ପର୍କରେ ଉପ ଜିଲାପାଳଙ୍କୁ ଜଣାଇଥିଲେ। ବିଡିଓ ଡମ୍ବରୁଧର ମଲ୍ଲିକ, ତହସିଲଦାର ସୁଧୀର ନନ୍ଦ, ଆଇଆଇସି ସୁନୀଲ ବେହେରା, ସମବାୟ ଅଧିକାରୀ ହରିହର ସେଠ ଉପସ୍ଥିତ ଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚାର କେଦାର ଶବର, ଗଜପତି ଜିଲା ରଇତ କୁଲି ସଂଘର ଆର. ଲୋକନାଥମ୍ ଓ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀନେତା ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ବେଳେ ଚାଷୀମାନେ ପ୍ରଶାସନଠାରୁ ଲିଖିତ ପ୍ରତିଶ୍ରୁତି ଦାବି କରିଥିଲେ। ପରେ ଉପଜିଲାପାଳ, ବିଡିଓ, ତହସିଲଦାର, ଆଇଆଇସି ପ୍ରମୁଖଙ୍କ ସ୍ୱାକ୍ଷରରେ ଚାଷୀଙ୍କୁ ଲିଖିତ ପ୍ରତିଶ୍ରୁତି ପତ୍ର ଦେଇଥିଲେ। ତଦନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟ ମୁତାବକ ଏନ୍ଏସିରୁ ଅବଶିଷ୍ଟ ୩୬୦୦ କୁଇଣ୍ଟାଲ ଓ ବିଭିନ୍ନ ପଞ୍ଚାୟତରୁ ଏଯାଏ କିଣା ନ ହୋଇ ରହିଥିବା ଧାନ ମଙ୍ଗଳବାର ସୁଦ୍ଧା କିଣାଯିବ, ଆସନ୍ତାକାଲି ତଥା ମଙ୍ଗଳବାର ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଆର୍ଏମ୍ସି ଗୋଦାମକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ସହ ଆଲୋଚନା ପରେ ପଦକ୍ଷେପ ନେବେ ବୋଲି ଉପଜିଲାପାଳ କହିଥିଲେ। ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା।



ଅଧିକାରୀମାନେ ଚାଷୀଙ୍କୁ ଲିଖିତ ପ୍ରତିଶ୍ରୁତି ପତ୍ର ଦେଉଛନ୍ତି।

## ନଦୀରେ ବୁଡ଼ି ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ

ବୁଗୁଡ଼ା,(କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଟାକରଡା ଗ୍ରାମର ଜନୈକ ଭିନ୍ନକ୍ଷମ ଯୁବକ ବିକଳ ପ୍ରଧାନ ନଦୀରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୋମବାର ଖରାବେଳେ ବିକଳ ଶୌଚ ହେବା ପାଇଁ ବାଘୁଆ ନଦୀକୁ ଯାଇଥିଲା। ଅସାବଧାନତା ବଶତଃ ସେ ନଦୀ ଗଣ୍ଡରେ ବୁଡ଼ି ଯାଇଥିଲେ। ସନ୍ଧ୍ୟାବେଳେ ଲୋକେ ତାଙ୍କୁ ଭାସୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏନେଇ ଖବର ପାଇବା ପରେ ଦମକଳବାହିନୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

**ସଂକ୍ଷେପରେ**

## ସମବାୟ ସଭ୍ୟ ସଚେତନତା କାର୍ଯ୍ୟକ୍ରମ

ଗୋପାଳପୁର,୨୪।୨(ନବୀନ ରାଜ ଆଚାରୀ)

ଗୋପାଳପୁର ସ୍ଥିତ ସମବାୟ ତାଲିମ ପ୍ରତିଷ୍ଠାନ ପରିସରରେ ସମବାୟ ସଭ୍ୟ ସଚେତନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବାଣିଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ସମବାୟ ୟୁନିୟନ ସଭାପତି ପ୍ରଭାସିନି ଷଡ଼ଙ୍ଗୀ, ସମବାୟ ପ୍ରତିଷ୍ଠାନର ଉନ୍ନୟନ କମିଟି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରଣା, ସମବାୟ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ଡ଼ିଆରସିଏସ ପର୍ଶୁରାମ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଜେନା କହିଛନ୍ତି ଯେ, ସମବାୟ ତୃଣମୂଳ ସ୍ତରରେ ସମସ୍ତଙ୍କ ଆର୍ଥିକ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ବିଶେଷ ସହାୟକ ହୋଇଛି। ସମବାୟ ମନ୍ତ୍ରୀ ସାମନ୍ତ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସକରାରଙ୍କ ଦ୍ୱାରା ପ୍ରଣୟନ ସମବାୟ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗଞ୍ଜାମ ଜିଲାପାଳ ପରିଡ଼ା କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ ଯୋଜନା, ମଲଟ ପ୍ଲସ, ଲୋକଙ୍କୁ ବେନିଫିଟ୍ କିପରି ହେବ ସେନେଇ ସଚେତନତା କରାଯିବା ସହ ଲୋକ ମାନେ କିଭଳି ଲାଭବାନ ହୋଇପାରିବେ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଜିଲାର ପ୍ରତ୍ୟେକ ସମବାୟ ସମିତିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ଆର୍ଟ କଲେଜରେ ବାର୍ଷିକ ପ୍ରଦର୍ଶନୀ ଉଦ୍‌ଘାଟିତ

ଖଲ୍ଲିକୋଟ,୨୪।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ର ବାର୍ଷିକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ବରିଷ୍ଠ ଶିଳ୍ପୀ, ପ୍ରାକ୍ତନ ନିର୍ଦ୍ଦେଶକ, ଆଧୁନିକ କଳା ସଂଗ୍ରହାଳୟ, ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ଅଦ୍ୱୈତ ଚରଣ ଗଡ଼ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ସୁବ୍ରତ ମଲ୍ଲିକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମକୁ ବ୍ୟବହାରିକ କଳା ବିଭାଗର ଉପଦେଷ୍ଟା ନିଗମାନନ୍ଦ ସ୍ୱାଇଁ ପରିଚାଳନା କରିଥିଲେ। ବାର୍ଷିକ ପ୍ରଦର୍ଶନୀରେ ପ୍ରଦର୍ଶିତ ତୈଳଚିତ୍ର, ବ୍ୟବହାରିକ କଳା, ମୁଦ୍ରଣ କଳା, ଭାରତୀୟ ଚିତ୍ରକଳା, ଭାସ୍କର୍ଯ୍ୟ କଳା ସହିତ ସେରାମିକ ଓ କାରୁକଳାର ମନୋଜ୍ଞ ସଂଭାର ଦେଖି ଅତିଥି ମାନେ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରି ସେମାନଙ୍କର ମନୋବଳ ବୃଦ୍ଧି କରିଥିଲେ। କଲେଜ ପରିସରରେ ଥିବା ଶରତ ବିଥିରେ ଅନୁଷ୍ଠିତ ପ୍ରଦର୍ଶନୀରେ ୧୦୦ରୁ ଉର୍ଦ୍ଧ୍ୱ କଳାକୃତି ସ୍ଥାନ ପାଇଛି। ଏହି ବାର୍ଷିକ ପ୍ରଦର୍ଶନୀ ୨୦୨୫ ଉପଲକ୍ଷେ ପ୍ରକାଶିତ ସୂଚୀପୁସ୍ତିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ।

# ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଦକ୍ଷ ହେବା ଉଚିତ

## ସରିଲା ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର, ୨୪।୨(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ସୋମବାର ସରିଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଇଜର ମୁଖ୍ୟ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି, ଅତିଥି ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ୟୁଜିସି ଗ୍ରାଣ୍ଟ କମିଶନର ପ୍ରଫେସର ସଚ୍ଚିଦାନନ୍ଦ ମାହାନ୍ତି, ସଭାପତି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ଏକ ପ୍ରତିଯୋଗିତା ଆୟୋଜନ କରିବା ଏକ ଗୌରବର ବିଷୟ। ପ୍ରତିଯୋଗିତାରେ ଭାଗ ନେବା ଅର୍ଥାତ ନିଜ ପ୍ରତିଭାକୁ ସର୍ବସମ୍ମୁଖରେ ପ୍ରଦର୍ଶନ କରିବା। ସାହିତ୍ୟ ଓ ସଂସ୍କୃତି ଉଭୟେ ଅଙ୍ଗାଙ୍ଗି ଭାବେ ଜଡ଼ିତ। ତେଣୁ ଏହି ଦୁଇ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଅନେକ ଛାତ୍ରୀଛାତ୍ର ସେମାନଙ୍କ ଦକ୍ଷତା ପ୍ରତିପାଦିତ କରିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷ ହେବାକୁ ହେଲେ ଏଭଳି ପ୍ରତିଯୋଗିତାରେ ଯୋଗଦେବା ଦରକାର ବୋଲି କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଂପାଦକୀୟ ପଠନ କରିଥିଲେ ସାହିତ୍ୟିକ ପ୍ରତୀଯୋଗିତାର ସମ୍ପାଦକୀୟ ଡକ୍ଟର ସମୀର ଭୋଇ ଓ ସାଂସ୍କୃତିକ ପ୍ରତିଯୋଗିତାର ସମ୍ପାଦକୀୟକୁ ଡକ୍ଟର ସରିତା ଦାସ ପଠନ କରିଥିଲେ। ଡକ୍ଟର ସାରଦା ପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ପରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଦ୍ୱାରା ପ୍ରସ୍ତୁତ ପତ୍ରିକା ଉନ୍ମୋଚିତ ହୋଇଥିଲା। ପରେ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟରସମସ୍ତଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛତ୍ର ପରିଚାଳନା କରିଥିଲେ।

# ଆର୍‌ଡିସିଙ୍କ ଅଫିସ ଆଗରେ ସିପିଆଇ(ଏମ୍)ର ବିକ୍ଷୋଭ

## କିଟ୍ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗ ତଦନ୍ତ ଦାବି

ବ୍ରହ୍ମପୁର,୨୪।୨(ନରସିଂହ ସାହୁ)

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟର ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗ ତଦନ୍ତ ଦାବି କରି ସୋମବାର ଗଞ୍ଜାମ ଜିଲା ସିପିଆଇ (ଏମ) ପକ୍ଷରୁ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପାର୍ଟିର ବରିଷ୍ଠ ନେତା ତଥା କେନ୍ଦ୍ରୀୟ କମିଟି ସଦସ୍ୟ ଅଲି କିଶୋର ପଟ୍ଟନାୟକ ଆନ୍ଦୋଳନରେ ଯୋଗ ଦେଇଥିଲେ। କିଟ୍ ଘଟଣା ରାଜ୍ୟ ଓ ଦେଶ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବା ସେ ଅଭିଯୋଗ କରିଥିଲେ। ଏହାର ନିରପେକ୍ଷ ତଦନ୍ତ ବିଚାର ବିଭାଗ ଦ୍ୱାରା କରାନଗଲେ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଥିଲେ।କାର୍ଯ୍ୟକ୍ରମରେ ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ କୈଳାସ ଷଡ଼ଙ୍ଗୀ, ରାମଚନ୍ଦ୍ର ନାୟକ, ବିଦ୍ୟାଧର ଜେନା, ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବିଷ୍ଣୁପ୍ରିୟା ସାହୁ, ଜୟନ୍ତୀ ଷଡ଼ଙ୍ଗୀ, ଅଜୟ ଗୌଡ଼, ଗୋକୁଳ ତ୍ରିପାଠୀ, ରଞ୍ଜନ ପାତ୍ର, ରାଜା ରାଓ, ଚନ୍ଦ୍ର ନାୟକ, ମଧୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ବିଚାର ବିଭାଗ ତଦନ୍ତ ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ପ୍ରଦାନ କରାଯାଇଥିଲା।




ଆରଡିସିଙ୍କ ଅଫିସ ସମ୍ମୁଖରେ ସିପିଆଇ (ଏମ)ର ବିକ୍ଷୋଭ

## ୱାରେଣ୍ଟ ବଳରେ ଆନ୍ଦେଲା ଗିରଫ

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ):

ପୂର୍ବରୁ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇସାରିଥିବା ବ୍ରହ୍ମପୁରର ସୁବାଷ ଚନ୍ଦ୍ର ନାୟକ(୪୧) ଓରଫ ଆନ୍ଦେଲାଙ୍କୁ ୱାରେଣ୍ଟ ବଳରେ ପୋଲିସ ଗିରଫ କରିଛି । ତାଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟା ଉଦ୍ୟମ ଓ ଲୁଟ ଭଳି ୧୮ରୁ ଅଧିକ ମାମଲା ରହିଛି । ଗୋସାଇଁନୂଆଗାଁ ଥାନାରେ ରୁଜୁ ଏକ ମାମଲାରେ ପୋଲିସ ତାଙ୍କୁ ଖୋଜୁଥିଲା। ୨୦୧୬ ମେ ୨୩ ତାରିଖରେ ପୋଲିସ ଟାମଣା ଘାଟି କଙ୍କିଆ ନିକଟରେ ପୋଲିସ ଏନ୍‌କାଉଣ୍ଟରରେ ଆନ୍ଦେଲା ଆହତ ହେବାରୁ ତାଙ୍କୁ କାବୁ କରି ଚିକିତ୍ସା ପରେ ଅଦାଲତ ଚାଲାଣ କରାଯାଇଥିଲା। କିଛି ବର୍ଷ ଜେଲରେ ରହିବା ପରେ ସେ ଜାମିନରେ ମୁକୁଳିଥିଲେ। ଏ ନେଇ ଗୋଳନ୍ଥରା ଥାନାରେ ନଂ.୭୨/୧୬ରେ ଏକ ମାମଲା ରୁଜୁ ହୋଇଥିଲା । ଏସିଜେଏମ କୋର୍ଟରେ ଏହି ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ନ ହୋଇ ଫେରାର ରହିଥିଲେ । ହେଲେ କିଛି ଦିନ ତଳେ କୋର୍ଟ ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତ ଆନ୍ଦେଲାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ସେହିପରି ଅଦାଲତ ପକ୍ଷରୁ ଆନ୍ଦେଲାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଆନ୍ଦେଲା ନିଜ ଘର ତଥା ପାର୍କ ସାହିକୁ ଆସିଥିବା ଜଣାପଡିବା ପରେ ଟାଉନ ଥାନା ପୋଲିସ ଚଢାଉ କରି ତାଙ୍କୁ କାବୁ କରିଥିଲା। ସୋମବାର ଗିରଫ ପରେ ଆନ୍ଦେଲାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଡିଆଇଇଟିର ବାର୍ଷିକ ରିପୋର୍ଟ କାର୍ଡ ଉଦ୍‌ଘାଟନ କଲେ ମନ୍ତ୍ରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥି ।

ଖଲ୍ଲିକୋଟ,୨୪।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ୨୦୨୪-୨୫ ଶିକ୍ଷା ବର୍ଷର ବାର୍ଷିକ ଉପଲବ୍ଧି ବିବରଣୀ ସହ ଆଗାମୀ ୨୦୨୫-୨୬ ଶିକ୍ଷା ବର୍ଷ ସକାଶେ ଉତ୍କର୍ଷ ଯୋଜନା ପ୍ରସ୍ତୁତି ବିବରଣୀ ପତ୍ରକୁ ସୋମବାର ବାଣିଜ୍ୟ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଛନ୍ତି। ଅଧ୍ୟକ୍ଷ ଡ଼ା.ସନ୍ତୋଷ ପାଢ଼ୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସରକାରୀ ବିଦ୍ୟାଳୟରେ ଶୈକ୍ଷିକ ବିକାଶ ସହ ସଂଖ୍ୟାଜ୍ଞାନ ଓ ଭାଷା ଜ୍ଞାନ ଉପରେ ପିଲା ଯେପରି ମୌଳିକ ଦକ୍ଷତା ହାସଲ କରିବେ ସେ ଦିଗରେ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ଅଧିକାଂଶ ବିଇଓ ଏବଂ ଏବିଇଓ ଅନୁପସ୍ଥିତ ଥିବା ଯୋଗୁ କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗଦେଇ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ପ୍ରତି ପ୍ରତିବଦ୍ଧତା ରହିବା ସହ ଖଲ୍ଲିକୋଟ ଡିଆଇଇଟି ଯେପରି ଏକ ଉଦାହରଣ ସୃଷ୍ଟି କରିବ ସେ ଦିଗରେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। କନିସି ବିଇଡି କଲେଜ ଅଧ୍ୟକ୍ଷ ଡା.ବିମଳ ଚରଣ ସ୍ୱାଇଁ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ 'ସ୍ପନ୍ଦନ' ଉନ୍ମୋଚିତ ହୋଇଥିଲା। ଏଥିରେ ବରିଷ୍ଠ ପ୍ରଶିକ୍ଷକ, ଜିଲାର ପ୍ରତ୍ୟେକ ବ୍ଲକ୍‌ର ସିଆରସିସି, ପ୍ରଧାନ ଶିକ୍ଷକ, ଏଫଏଲ୍‌ଏନ ଶିକ୍ଷକ ଯୋଗଦେଇଥିଲେ।

## ଜଙ୍ଗଲରୁ ଗଞ୍ଜେଇ ଜବତ

ମୋହନା, ୨୪।୯(ମନ୍ମଥ ମିଶ୍ର)

ଗଞ୍ଜେଇ ଚୋରା ଚାଲାଣ ପୂର୍ବରୁ ପୋଲିସ ଜଙ୍ଗଲରେ ଚଢ଼ାଉ କରି ୫୦୧ କେଜି ଗଞ୍ଜେଇ ଜବତ କରିଛି। ତେବେ ଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ରାଜଖମା ଗାଁ ନିକଟସ୍ଥ ଗୁରିମେରା ଜଙ୍ଗଲରେ ଗଞ୍ଜେଇ ଚାଲାଣ ପାଇଁ ରଖାଯାଇଥିବା ଖବର ପାଇ ଅଡବା ପୋଲିସ ଚଢ଼ାଉ କରିଥିଲା।

## ଇଂଲିଶ ପରୀକ୍ଷାରେ ୭୨୦ ଅନୁପସ୍ଥିତ

ବ୍ରହ୍ମପୁର, ୨୪।୨(ସୁବାସ ଚନ୍ଦ୍ର ପାଢ଼ୀ)

ମାଟ୍ରିକ ପରୀକ୍ଷା ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସୋମବାର ଇଂଲିଶ ପରୀକ୍ଷା ଥିଲା। ଏହି ପରୀକ୍ଷାରେ ଜିଲାର ବିଭିନ୍ନ କେନ୍ଦ୍ରରେ ୭୨୦ ପିଲା ଅନୁପସ୍ଥିତଥିଲେ। ରେଗୁଲାରରେ ୬୭୮, ରାଜ୍ୟ ମୁକ୍ତାକାଶ ବିଦ୍ୟାଳୟରେ ୩୮ ଓ ମଧ୍ୟମାରେ ୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସମସ୍ତ କେନ୍ଦ୍ରରେ ଶୃଙ୍ଖଳିତ ଭାବେ ପରୀକ୍ଷା ଚାଲିଛି। ପିଲାମାନେ କିଭଳି ସୁରକ୍ଷିତ ପରୀକ୍ଷା ଦେଇପାରିବେ ସେଥିନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତି ସ୍କୁଲରେ ଇନଭିଜିଲେଟରମାନେ ଯାଞ୍ଚ କରୁଛନ୍ତି। ଯେଭଳି ପିଲାମାନେ କପି କରିପାରିବେନି ସେଭଳି ବ୍ୟବସ୍ଥା ବି କରାଯାଇଛି ବୋଲି ବିଭାଗର ଜନୈକ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

## ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଅନ୍ୟମାନେ।

ବ୍ରହ୍ମପୁର,୨୪।୨(ସ୍ମୃତି ରଞ୍ଜନ ମହାଲିକ)

ଜିଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା , ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୈଳାଶ ଚନ୍ଦ୍ର ବୁରୁଦା ଯୋଗ ଦେଇଥିଲେ। ସୋମବାର ୧୦୭ ଅଭିଯୋଗର ଶୁଣାଣି ହୋଇଥିଲା । ଏଥିମଧ୍ୟରେ ୯୪ ବ୍ୟକ୍ତିଗତ ଅଭିଯୋଗ, ୧୩ ସାମୂହିକ ଅଭିଯୋଗ ଓ ୮ ଦ୍ୱରିତ ଅଭିଯାଗର ଫଏସଲା ହୋଇଥିଲା। ଅଭିଯୋଗଗୁଡିକ ମଧ୍ୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଖାଉଟି କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ରହିଥିଲା । ଆବେଦନ ଗୁଡିକର ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ସମସ୍ତ ବିଭାଗୀୟ ଅଧିକାରୀ , ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲଦାର ଓ ବିଡ଼ିଓ ଉପସ୍ଥିତ ଥିଲେ ।

### ୭ ଦିନ ହେଲା ଅଚଳ ନୂଆପଡ଼ା ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ

## ଆବଶ୍ୟକତା ମେଣ୍ଟାଇପାରୁନି ଟ୍ୟାଙ୍କର ପାଣି



ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉଛି ।

ଚିକିଟି,୨୪।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ବ୍ରିଟିଶ ଅମଳରୁ ପାନୀୟ ଜଳ ଯୋଗାଣ ଅଚଳ ହେବାର ୭ ଦିନ ବିତିଲା। ଜଳ ଯୋଗାଣ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ସୁଦ୍ଧା ଆଜି ଯାଏଁ ମରାମତି ହୋଇ ପାରିନି। ଯାହା ଫଳରେ ଜନସାଧାରଣ ପାନୀୟ ଜଳ ପାଇଁ ବହୁବିଧ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଏବଂ ପ୍ରଶାସନିକ ଅବହେଳା ଯୋଗୁ ଏହିଭଳି ସମସ୍ୟା ଦେଖାଦେଇଥିବା ଜନସାଧାରଣ ପକ୍ଷରୁ ଅଭିଯୋଗ ହେଉଛି। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବଢୁଥିବା ବେଳେ ଭୂତଳ ଜଳସ୍ତର କମି କମି ଯାଉଛି। ଯାହା ଫଳରେ ଗ୍ରାମରେ ଥିବା ନଳକୂପ ଗୁଡ଼ିକରୁ ବିଳମ୍ବରେ ପାଣି ବାହାରୁଛି। ସୋମବାର ସକାଳେ ବିଭାଗୀୟ ପକ୍ଷରୁ ମାତ୍ର ୨ ଟି ଟେଙ୍କରରେ ଜଳ ଯୋଗାଣ କରି ପ୍ରଶାସନ ତାର କାମସାରି ଦେଇଥିବା ବେଳେ ଯାହାଫଳରେ ଲୋକଙ୍କୁ ଚାହିଦା ମୁତାବକ ପାନୀୟ ଜଳ ବଣ୍ଟନ ନହେବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ନୂଆପଡ଼ା ପଞ୍ଚାୟତ ସରପଞ୍ଚ ବି .ସନମୁଖ ଯୋଗାଯୋଗ ବେଳେ ବ୍ଲକ୍ ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷ ପର୍ଯ୍ୟନ୍ତ ଅବଗତ କରାଯାଇଥିବା କୁହାଯାଇଥିବା ବେଳେ ଚିକିଟି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ କହିଛନ୍ତି ଆଜି ସୁଦ୍ଧା ୭୦ ପ୍ରତିଶତ କାମସରିଛି। ଆସନ୍ତା ତିନିଦିନ ମଧ୍ୟରେ ଜଳ ଯୋଗାଣ ହେବ।



ମହାଶିବରାତ୍ରିର ଦୁଇ ଦିନ ପୂର୍ବରୁ ସୋମବାର ହିଞ୍ଜିଳିକାଟୁରେ କେତକୀ ଫୁଲ ବିକ୍ରି ହେଉଛି। ବଜାରରେ ଫୁଲ ପ୍ରତି ଦର ୨୫୦ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। (ଫଟୋ: ଦ୍ୱିତୀକୃଷ୍ଣ ପଣ୍ଡା)

# ଜାଗର ପୂର୍ବରୁ ଶୈବପୀଠ ଚଳଚଞ୍ଚଳ

ବ୍ରହ୍ମପୁର,୨୪।୨(ସ୍ମୃତି ରଞ୍ଜନ ମହାଲିକ)

ମହାଜାଗରକୁ ନେଇ ସହରର ବିଭିନ୍ନ ଶୈବ ପୀଠ ଚଳଚଂଚଳ ହୋଇ ଉଠିଛି। ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି। ଶୈବ ପୀଠ ଗୁଡିକରେ ନୂତନ ରଙ୍ଗ ଓ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ସହ ଭକ୍ତଙ୍କ ସୁବିଧା ନିମନ୍ତେ ପ୍ରସ୍ତୁତି କରାଯାଉଛି। ସହରର ଉତ୍ତରେଶ୍ୱର, ନୀଳକଣ୍ଠେଶ୍ୱର, ସ୍ୱପ୍ନେଶ୍ୱର, ଷ୍ଟେସନ ରୋଡ ସ୍ଥିତ ରାମଲିଙ୍ଗେଶ୍ୱର, ବୈଦ୍ୟନାଥେଶ୍ୱର, ମୁକ୍ତେଶ୍ୱର, ଗୋକର୍ଣ୍ଣେଶ୍ୱର, ରାମଲିଙ୍ଗେଶ୍ୱର ସକଳେଶ୍ୱର, ଚନ୍ଦ୍ରଚୂଡେଶ୍ୱର ଓ ଲୋଚାପଡା ପାଣି ମହାପ୍ରଭୁଙ୍କ ମନ୍ଦିରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି। ଶାନ୍ତି ଶୃଙ୍ଖଳାରେ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଉତ୍ତରେଶ୍ୱର ମନ୍ଦିରରେ ଶିବରାତ୍ରି ଦିନ ଭୋର ୩ଟାରୁ ମନ୍ଦିର ଖୋଲାଯିବ। ଏହାପରେ ମହାଦେବଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ପରେ ଭକ୍ତମାନେ ଦର୍ଶନ କରିବେ। କୌଣସି ଧାଡି ଦର୍ଶନର ବ୍ୟବସ୍ଥା କରାଯାଇ ନାହିଁ। ଶାନ୍ତି ଶୃଙ୍ଖଳାରେ ଦର୍ଶନ ନିମନ୍ତେ ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସନ୍ଧ୍ୟାରେ ଭଜନ ସମାରୋହ ଓ ରାତ୍ରିରେ ସାମାଜିକ ଗଣନାଟ୍ୟ ପରିବେଷଣ ହେବ। ଭକ୍ତଙ୍କ ନିମନ୍ତେ ଫଳ ବଣ୍ଟନ କରାଯିବ। ରାତ୍ରି ୩ଟାରେ ମହାଦୀପ ଉଠିବ ବୋଲି ମନ୍ଦିର କମିଟି ସଭାପତି ପଞ୍ଚାନନ ଚୌଧୁରୀ କହିଛନ୍ତି। ସେହିପରି ଷ୍ଟେସନ ରୋଡ ସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିରରେ ଜାଗର ମହାଆଡମ୍ବର ସହକାରରେ ପାଳନ କରାଯାଉଛି। କମିଟି ପକ୍ଷରୁ ୫ ହଜାର ୫୫୫ ଦୀପ ପ୍ରଜ୍ୱଳନ ହେବ। ଏଥିସହ ସକାଳେ ସମସ୍ତ ଭକ୍ତଙ୍କ ମହାଦେବଙ୍କ କ୍ଷୀରାଭିଷେକ ନିମନ୍ତେ ସୁବିଧା କରାଯାଇଛି। ଭୋର ୫ଟାରୁ ମନ୍ଦିର ଖୋଲାଯାଇ ମହାଦେବଙ୍କ ଭସ୍ମାଭିଷେକ କରାଯିବ। ସନ୍ଧ୍ୟାରେ ସ୍ୱତନ୍ତ୍ର ଆଳତୀ ଅନୁଷ୍ଠିତ ହେବ। ସେହିଭଳି ଉଜାଗର ଦିନ ଭକ୍ତଙ୍କୁ ହାଲୁଆ ଓ କାକରା ବଣ୍ଟନ ରାତ୍ରି ସାରା ବଣ୍ଟନ କରାଯିବ। ଏଥିସହ କମିଟି ପକ୍ଷରୁ ନବରତ୍ନ ଗାହାଣ ପରିବେଷଣ ନେଇ କାର୍ଯ୍ୟକ୍ରମ ରହିଥିବା ନେଇ କମିଟିର ଅଜୟ କୁମାର ସାବତ ସୂଚନା ଦେଇଛନ୍ତି। ରାତ୍ରି ୧ଟା ୩୫ରୁ ୨ ଟା ମଧ୍ୟରେ ମହାଦୀପ ଉଠିବ। ସେହିଭଳି ବୈଦ୍ୟନାଥେଶ୍ୱର ସେବା ପରିଷଦ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ନିମନ୍ତେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର ଦୀପ ଘର କରାଯାଇଛି। ସନ୍ଧ୍ୟା ୭ଟା ୩୦ରେ ୧୧ ହଜାର ୧୧୬ ଦୀପ ଯଜ୍ଞ ଅନୁଷ୍ଠିତ ହେବ। ରାତ୍ରି ୯ଟା ୫ରେ ମହାଦୀପ ଉଠିବ। ଏଥିସହ ଭାରତ ଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ଷ୍ଟେସନ ରୋଡ ସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିରରେ ପ୍ରସ୍ତୁତି।

